## ସମ୍ବାଦ
## ତାରିଖ: ୨୦.୦୮.୨୦୨୫

# ବିଆଇଆଇଟିଏମ୍‌ରେ 'ସ୍ପାର୍କ-୨୦୨୫'




ଚନ୍ଦ୍ରଶେଖରପୁର, ୧୯/୮(ଇମିସ): ପଟିଆସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେସନ୍ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜମେଣ୍ଟ୍ ଷ୍ଟଡିଜ୍(ବିଆଇଆଇଟିଏମ୍)ରେ ଏମ୍‌ବିଏ ଛାତ୍ରଛାତ୍ରୀଙ୍କ ପାଇଁ 'ସ୍ପାର୍କ-୨୦୨୫' ଅନୁଷ୍ଠିତ ହୋଇଯାଇଛି। କମିସନରେଟ୍ ପୁଲିସର ଅତିରିକ୍ତ ପୁଲିସ କମିସନର ନରସିଂହ ଭୋଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନ୍ତରିକତା, ସ୍ଥିରତା ଓ କୌତୁହଳ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ମୁକ୍ତ, ଆତ୍ମବିଶ୍ୱାସୀ ଓ ପରସ୍ପରକୁ ସମର୍ଥନ କରିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଇମାଜେନେକ୍ସ ଇଣ୍ଡିଆ ଲିମିଟେଡ୍ ସିଇଓ ବି. ରବୀଚନ୍ଦ୍ରନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କହିଲେ ଆନ୍ତରିକତାର ସହ ଆପଣମାନଙ୍କୁ ଏମ୍‌ବିଏ ପଢ଼ିବାକୁ ହେବ। ଏହି ଦୁଇ ବର୍ଷ ଆପଣଙ୍କ କ୍ୟାରିଅରର ମୂଳଦୁଆ ପକାଇବ। ଭବିଷ୍ୟତର ନେତା, ସିଇଓ ଓ ନୀତି ନିର୍ଦ୍ଧାରକ ହେବାକୁ ସେ ଆହ୍ୱାନ ଦେଇଥିଲେ। ବିଆଇଆଇଟିଏମ୍ ଅଧ୍ୟକ୍ଷ ପ୍ରଫେସର ମିହିର ରଞ୍ଜନ ନାୟକ ସ୍ୱାଗତ ଭାଷଣ ସହ ନୂତନ ବ୍ୟାଚ୍ ପିଲାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଅବସରରେ କର୍ପୋରେଟ୍ ଆଲୋଚନା, କର୍ମଶାଳା, ସୁସ୍ଥତା ଅଧିବେଶନ, ପୂର୍ବତନ ଛାତ୍ରଙ୍କ ସହ ଆଲୋଚନା ଓ ବିଶେଷଜ୍ଞ ବକ୍ତୃତା ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।